# NATIONAL NEWS BULLETIN (ODIA)

## 4 March - 2025

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ବଜେଟ୍ ଘୋଷଣାର କାର୍ଯ୍ୟକାରିତା ନେଇ ଆଜି ତିନୋଟି ୱେବିନାରରେ ଅଂଶଗ୍ରହଣ କରିବେ ପ୍ରଧାନମନ୍ତ୍ରୀ ।
- ବ୍ରିଟେନ୍ ଏବଂ ଆୟରଲାଣ୍ଡକୁ ଆଜିଠାରୁ ଗସ୍ତ କରିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ନିର୍ବାଚନ ପରିଚାଳନା ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବାକୁ ନୂଆଦିଲ୍ଲୀ ଠାରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜିଠାରୁ ଆରମ୍ଭ ହେବ ଦୁଇ ଦିନିଆ ବୈଠକ ।
- ବାଂଲାଦେଶର ସ୍ୱରାଷ୍ଟ୍ର ବ୍ୟାପାର ପରାମର୍ଶ ଦାତାଙ୍କ ଇସ୍ତଫା ଦାବି ନେଇ ଢାକାରେ ବିକ୍ଷୋଭ ପ୍ରଦର୍ଶନ ।

ଏବଂ

- ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଜି ଖେଳାଯିବ ପ୍ରଥମ ସେମିଫାଇନାଲ୍ ।

# ପିଏମ୍-ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବଜେଟ୍ ପରବର୍ତ୍ତୀ ତିନୋଟି ୱେବିନାରରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେବେ । ଅଭିବୃଦ୍ଧି, ଉତ୍ପାଦନ, ରପ୍ତାନୀ, ଆଣବିକ ଶକ୍ତି ମିଶନ୍ ଏବଂ ନିୟାମକ ନିବେଶ ଓ ବ୍ୟବସାୟରେ ସହଜତା ତଥା ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଉପରେ ଏହି ୱେବିନାରଗୁଡ଼ିକ ଆୟୋଜନ କରାଯାଇଛି । ୱେବିନାରରେ ଅଂଶଗ୍ରହଣ ସହ ସେ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଦେଶର ଶିଳ୍ପ, ବାଣିଜ୍ୟ ଏବଂ ଶକ୍ତି ରଣନୀତି ଉପରେ ଏହି ଆଲୋଚନା ସରକାରୀ ଅଧିକାରୀ, ଶିଳ୍ପ ନେତା ଏବଂ ବାଣିଜ୍ୟ ବିଶେଷଜ୍ଞଙ୍କୁ ଏକ ସହଯୋଗୀ ମଞ୍ଚ ପ୍ରଦାନ କରିବ । ବଜେଟ୍ ପରବର୍ତ୍ତି ପଦକ୍ଷେପ ଗୁଡ଼ିକ ଉପରେ ଆଲୋଚନା ହେବା ସହ ଏହାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନାର ହେବାର ସମ୍ଭାବନା ରହିଛି । ଘରୋଇ କ୍ଷେତ୍ରର ବିଶେଷଜ୍ଞ, ଶିଳ୍ପ ପ୍ରତିନିଧି ଓ ବିଭିନ୍ନ ପ୍ରସଙ୍ଗ ଭିତ୍ତିକ ବିଶେଷଜ୍ଞ ଏହି ୱେବିନାରରେ ଅଂଶଗ୍ରହଣ କରି ବଜେଟ୍ ଘୋଷଣା ଗୁଡ଼ିକରେ ପ୍ରଭାବଶାଳୀ କାର୍ଯ୍ୟକାରିତା ନେଇ ରୂପରେଖ ପ୍ରସ୍ତୁତ କରିବେ ।

# ପିଏମ୍-ନମୋନ ଆପ୍

ନମୋ ଆପ୍ ଓପନ୍ ଫୋରମ୍‌ରେ ଅଧିକ ପ୍ରେରଣା ଦାୟକ ଜୀବନଯାତ୍ରା ସମ୍ପର୍କରେ ସୂଚନା ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକଙ୍କୁ ଅନୁରୋଧ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ନମୋ ଆପ୍‌ରେ ଦିଆଯାଇଥିବା ପ୍ରେରଣା ଦାୟକ ସୂଚନା ମଧ୍ୟରୁ କିଛି ମନୋନୀତ ମହିଳାଙ୍କୁ ଆସନ୍ତା ୮ ତାରିଖରେ ମହିଳା ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ୍ ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯିବ ।

# ଜୟଶଙ୍କର-ୟୁକେ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଜିଠାରୁ ବ୍ରିଟେନ୍ ଏବଂ ଆୟରଲାଣ୍ଡକୁ ସରକାରୀ ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ଏକ ସମନ୍ୱିତ ରଣନୈତିକ ଭାଗିଦାରୀ ରହି ଆସିଛି । ସେହିଭଳି ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ, ଅର୍ଥନୀତି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜନସମ୍ପର୍କ ଭଳି ବିବିଧ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷିୟ ସମ୍ପର୍କ ସଶକ୍ତ ହୋଇଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ବ୍ରିଟେନ୍ ପ୍ରତିପକ୍ଷ ଡେଭିଡ୍ ଲାମିଙ୍କ ସମେତ ବ୍ରିଟେନ୍‌ର

ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ସେହିଭଳି ଆୟରଲାଣ୍ଡକୁ ଦୁଇଦିନିଆ ଗସ୍ତରେ ଯାଇ ଡକ୍ଟର ଜୟଶଙ୍କର ତାଙ୍କର ସ୍ଥାନୀୟ ପ୍ରତିପକ୍ଷ ସାଇମର ହ୍ୟାରିସ୍‌ଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବେ । ଭାରତ ଏବଂ ଆୟରଲାଣ୍ଡ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସାଂସ୍କୃତିକ ସମ୍ପର୍କ ଏବଂ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ ବ୍ୟବସ୍ଥା ଭିତ୍ତିକ ଏକ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପକ୍ଷିୟ ସମ୍ପର୍କ ରହି ଆସିଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ସେଠାରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କ ସହିତ ମଧ୍ୟ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ପିଏମ୍ ବେଲ୍‌ଜିୟମ୍ ପ୍ରିନ୍‌ସେସ୍

ଭାରତ ଗସ୍ତରେ ଆସିଥିବା ବେଲ୍‌ଜିୟମ୍ ରାଜକୁମାରୀ ଆଷ୍ଟ୍ରିଡ୍ ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସେ ଭାରତ ଗସ୍ତରେ ରହିବେ । ରାଜକୁମାରୀ ଆଷ୍ଟ୍ରିଡ୍ ଓ ବେଲ୍‌ଜିୟମ୍ ପ୍ରତିରକ୍ଷା ମନ୍ତ୍ରୀ ଥିଓ ଫ୍ରାଙ୍କେନ୍, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ଗତକାଲି ଆଲୋଚନା

କରିଛନ୍ତି । ଦ୍ୱିପାକ୍ଷିକ ପ୍ରତିରକ୍ଷା ଶିଳ୍ପ ସହଯୋଗ ପ୍ରସଙ୍ଗ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ପ୍ରତିରକ୍ଷା କ୍ଷେତ୍ରରେ ବେଲ୍‌ଜିୟମ୍‌ର ପୁଞ୍ଜିନିବେଶ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ସ୍ୱାଗତ କରିଛନ୍ତି । ବେଲ୍‌ଜିୟମ୍ କମ୍ପାନୀ ଗୁଡ଼ିକ ଭାରତରେ ନିବେଶ କରିବା ସହ ଯୋଗାଣ ଶୃଙ୍ଖଳରେ ସାମିଲ ହୋଇ ବ୍ୟବସାୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଉଭୟ ଦେଶ ଏକ ସ୍ଥାୟୀ ତଥା ସଂସ୍ଥାଗତ ପ୍ରତିରକ୍ଷା ସହଯୋଗର ମାର୍ଗ ଉନ୍ମୋଚନ କରିବାକୁ ସହମତ ହୋଇଛନ୍ତି ।

## ଇସିଆଇ-କନ୍‌ଫରେନ୍ସ

ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ନିର୍ବାଚନ ଆୟୋଗ ଆଜିଠାରୁ ଏକ ଦୁଇ ଦିନିଆ ବୈଠକରେ ଯୋଗଦେବେ । ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସିକ୍ ଆଣ୍ଡ ଇଲେକ୍‌ସନ୍ ମ୍ୟାନେଜ୍‌ମେଣ୍ଟ ଠାରେ ଏହି ବୈଠକର ଆୟୋଜନ କରାଯାଇଛି । ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ପ୍ରଥମ ବୈଠକ । ନିର୍ବାଚନ ପରିଚାଳନାରେ ରହିଥିବା ଆହ୍ୱାନ ଏବଂ ଅନୁଭୂତି ଗୁଡ଼ିକ ଉପରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ

ଅଧିକାରୀ ମତ ବିନିମୟ କରିବେ । ଏ କ୍ଷେତ୍ରରେ ପାରସ୍ପରିକ ଶିକ୍ଷା ପାଇଁ ଏହା ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏହି ବୈଠକରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଉପଯୋଗ ମାଧ୍ୟମରେ ନିର୍ବାଚନ ପରିଚାଳନା, ଯୋଗାଯୋଗ ଏବଂ ସାମାଜିକ ଗଣମାଧ୍ୟମର ପ୍ରଚାର-ପ୍ରସାରର ଭୂମିକା ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

## ବାଂଲାଦେଶ

ବାଂଲାଦେଶର ସ୍ୱରାଷ୍ଟ୍ର ବ୍ୟାପାର ପରାମର୍ଶ ଦାତା ଜାହାଙ୍ଗୀର ଆଲାମ୍ ଚୌଧୁରୀଙ୍କ ବିରୋଧରେ ଗତକାଲି ଢାକାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସମ୍ପ୍ରତି ଢାକାରେ ଦୁଇ ଜଣ ନାବାଳିକାଙ୍କ ଉପରେ ହୋଇଥିବା ଆକ୍ରମଣକୁ ଯଥାର୍ଥ ପ୍ରମାଣିତ କରିବାକୁ ଚେଷ୍ଟା କରିଥିବା ଅଭିଯୋଗ ନେଇ ଶ୍ରୀ ଆଲାମ୍‌ଙ୍କୁ ପଦରୁ ହଟାଇବା ଦାବି ନେଇ ବିଭିନ୍ନ ବର୍ଗର ମହିଳା ବିକ୍ଷୋଭରେ ସାମିଲ ହୋଇଥିଲେ । ସାମାଜିକ ଗଣମାଧ୍ୟମରେ ମଧ୍ୟ ବହୁ ଲୋକ ଏଭଳି ଘଟଣାର ଦୃଢ଼ ବିରୋଧ କରିଛନ୍ତି ।

ସୂଚନା ଯୋଗ୍ୟ ଗତ ପହିଲାରେ ଢାକାର ଲାଲମାଟିଆ ଅଞ୍ଚଳରେ ଥିବା ଏନ୍.ଏଚ୍.ଏ. ଟାୱାର ନିକଟରେ ଦୁଇ ଜଣ ନାବାଳିକାଙ୍କ ଉପରେ ଆକ୍ରମଣ ହୋଇଥିଲା । ଜଣେ ପୀଡ଼ିତା ଅଭିଯୋଗ କରିଛନ୍ତି, ଧୂମ ପାନ

ପାଇଁ ସେମାନଙ୍କୁ ଆକ୍ରମଣ କରାଯାଇଥିଲା । ଢାକା ବିଶ୍ୱବିଦ୍ୟାଳୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତିର ମୁକାବିଲାରେ ବିଫଳ ଅଭିଯୋଗ ନେଇ କିଛି ଛାତ୍ର ଶ୍ରୀ ଚୌଧୁରୀଙ୍କ ଇସ୍ତଫା ଦାବି କରି ଗତ ସପ୍ତାହରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ଡିଫେନ୍ସ-ରିପୋର୍ଟ

ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଗତକାଲି ନୂଆଦିଲ୍ଲୀ ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ସାକ୍ଷାତ କରି ବାୟୁସେନାର କ୍ଷମତା ବୃଦ୍ଧି ଲକ୍ଷ୍ୟ ନେଇ ଗଠିତ କମିଟିର ରିପୋର୍ଟ୍ ଉପସ୍ଥାପନ କରିଥିଲେ । ବାୟୁ ସେନାର ଆବଶ୍ୟକତା ତଥା ଦକ୍ଷତା ବୃଦ୍ଧି ନେଇ ଚିହ୍ନଟ କ୍ଷେତ୍ର ଗୁଡ଼ିକ ଉପରେ ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘ ମିଆଦି ପଦକ୍ଷେପ ନେଇ କମିଟି ଏହାର ରିପୋର୍ଟରେ ଉଲ୍ଲେଖ କରିଛି । ଏରୋ ସ୍ପେସ୍ କ୍ଷେତ୍ରରେ ଆତ୍ମନିର୍ଭରତାକୁ ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନର ଆବଶ୍ୟକତା ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଥିବା ଜଣାପଡ଼ିଛି । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କ୍ଷମତା ପ୍ରାପ୍ତ କମିଟିର କାର୍ଯ୍ୟକୁ ପ୍ରଶଂସା କରିବା ସହ ସୁପାରିଶ ଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଜନଔଷଧୀ

ଜନଔଷଧୀ ଜନଚେତନା ସପ୍ତାହ ପାଳନର ତୃତୀୟ ଦିବସରେ ଗତକାଲି ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ପରିଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ସମଗ୍ର ଦେଶରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ୩୦ଟି ରାଜ୍ୟର ୩୦ଟି ପ୍ରମୁଖ ସହରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲ୍ ମିତ୍ର ଅଂଶଗ୍ରହଣ କରିଥିଲେ । ପିଲାମାନଙ୍କୁ ଜନଔଷଧୀ କେନ୍ଦ୍ର ମାଧ୍ୟମରେ ବିକ୍ରି ହେଉଥିବା ଗୁଣାତ୍ମକ ଜେନେରିକ୍ ଔଷଧ ବିଷୟରେ ଅବଗତ କରାଯାଇଥିଲା । ପୋଷଣ ଯୁକ୍ତ ଖାଦ୍ୟ ସାମଗ୍ରୀ ଏହି ଅବସରରେ ପିଲାଙ୍କୁ ବଣ୍ଟନ କରାଯାଇଛି ।

ସୂଚନା ଯୋଗ୍ୟ ସମଗ୍ର ଦେଶରେ ଏବେ ୧୫ ହଜାରରୁ ଅଧିକ ଜନଔଷଧୀ କେନ୍ଦ୍ର କାର୍ଯ୍ୟକାରୀ ହୋଇଛି । ୨୦୨୭ ମାର୍ଚ୍ଚ ୩୧ ସୁଦ୍ଧା ଏହି ସଂଖ୍ୟା ୨୫ ହଜାରକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

## ଭାରତ-ନେପାଳ ଏମ୍ଓୟୁ

ଜଳ ପରିମଳ, ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ଭାରତ-ନେପାଳ ମଧ୍ୟରେ ଗତକାଲି ନୂଆଦିଲ୍ଲୀ ଠାରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆନ୍ତଃ ସରକାରୀ

ସହଯୋଗ ମାଧ୍ୟମରେ ସ୍ୱଚ୍ଛ ପାନୀୟ ଜଳ ଏବଂ ପରିମଳ ଉତ୍ତମ ପରିଚାଳନା ଏହି ଚୁକ୍ତିରେ ପ୍ରାଥମିକତା ପ୍ରଦାନ କରାଯାଇଛି । ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ କହିଛନ୍ତି, ଏହି ବୁଝାମଣାପତ୍ର, ଜନସ୍ୱାସ୍ଥ୍ୟ, ସ୍ଥାୟିତ୍ୱ ଏବଂ ଆଞ୍ଚଳିକ ସହଯୋଗ ପ୍ରତି ଉଭୟ ଦେଶର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । ଦୁଇ ଦେଶ ମଧ୍ୟରେ ଭାଗିଦାରିତା ଏକ ନୂତନ ମାର୍ଗ ଉନ୍ମୋଚିତ ହୋଇଛି । ଉଭୟ ଦେଶ ସେମାନଙ୍କ ଦେଶବାସୀଙ୍କ କଲ୍ୟାଣ ଏବଂ ସ୍ଥାୟି ଭବିଷ୍ୟତ ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାଟିଲ୍ କହିଛନ୍ତି ।

# ଜିତେନ୍ଦ୍ର ସିଂହ-ଦିଶା

ଗତ ଦଶନ୍ଧି ମଧ୍ୟରେ ଦେଶରେ ଗବେଷଣା ଏବଂ ବିକାଶ ଖର୍ଚ୍ଚ ୧ ଲକ୍ଷ ୨୭ ହଜାର କୋଟି ଟଙ୍କାରେ ପହଞ୍ଚିଛି ବୋଲି ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ନୂଆଦିଲ୍ଲୀ ଠାରେ ଗତକାଲି ଆୟୋଜିତ **ଦିଶା** କାର୍ଯ୍ୟକ୍ରମରେ ଯୋଗଦେଇ ଡକ୍ଟର ସିଂହ କହିଛନ୍ତି, ୨୦୧୩-୧୪ ଆର୍ଥିକ ବର୍ଷରେ ଏହି ଖର୍ଚ୍ଚ ୬୦ ହଜାର କୋଟି ଟଙ୍କା ଥିବା ବେଳେ ଏବେ ଦ୍ୱିଗୁଣିତ ହୋଇଛି । **ଦିଶା** କାର୍ଯ୍ୟକ୍ରମ ଦେଶର ଜ୍ଞାନ ଅର୍ଥନୀତିକୁ ଗତିଶୀଳ କରିବା ସହିତ ଆତ୍ମନିର୍ଭର କ୍ଷେତ୍ରକୁ ସୁଦୃଢ଼ କରିବ । ଡିପ୍ ଟେକ୍ ଉଦ୍ଭାବନ ଏବଂ ବାଣିଜ୍ୟ କ୍ଷେତ୍ରରେ ଦେଶକୁ ବିଶ୍ୱସ୍ତରକୁ ସ୍ଥାନିତ କରିବା

ଲାଗି ସରକାର ଗ୍ରହଣ କରିଥିବା ବହୁମୁଖୀ ପଦକ୍ଷେପ ଉପରେ ଡକ୍ଟର ସିଂହ ଆଲୋକପାତ କରିଛନ୍ତି । କୃତ୍ରିମ ବୁଦ୍ଧିମତା, ବାୟୋ ଟେକ୍ନୋଲୋଜି ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ କ୍ଷେତ୍ରରେ ଘରୋଇ ଉଦ୍ଭାବନ ଦେଶର ଅର୍ଥନୈତିକ ଭବିଷ୍ୟତକୁ ତ୍ୱରାନ୍ୱିତ କରିବ ବୋଲି ଡକ୍ଟର ସିଂହ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ଶାହା-ଗୋଆ କ୍ରିମିନାଲ୍ ଲ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ନୂଆଦିଲ୍ଲୀ ଠାରେ ଗୋଆରେ ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ଶାୱନ୍ତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ । ଏହି ଅବସରରେ ଗୋଆରେ ଏହି ତିନୋଟି ଆଇନ୍‌ର କାର୍ଯ୍ୟକାରିତା ଏବଂ ପୋଲିସ୍, କାରାଗାର, ବିଚାର ବ୍ୟବସ୍ଥା ଏବଂ ଫରେନ୍‌ସିକ୍ ବିଜ୍ଞାନ କ୍ଷେତ୍ରରେ ଏହାର ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି ।

ଏଠାରେ ସୂଚନା ଦିଆଯାଇପାରେ ଭାରତୀୟ ବିଚାର ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦକ୍ଷ ତଥା ସମାଜ ସହିତ ସମୟୋପଯୋଗୀ କରିବା ନିମନ୍ତେ

କେନ୍ଦ୍ର ସରକାର ଗତବର୍ଷ ଜୁଲାଇ ପହିଲାରୁ ଦେଶବ୍ୟାପି ତିନୋଟି ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରି କରିଛନ୍ତି ।

## ଚାମ୍ପିୟନ୍ସ ଟ୍ରଫି

ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ଆଜି ଭାରତ ଅଷ୍ଟ୍ରେଲିଆକୁ ଭେଟିବ । ଏହି ମ୍ୟାଚ୍ ଦୁବାଇ ଠାରେ ଭାରତୀୟ ସମୟ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ସେହିଭଳି ଆସନ୍ତାକାଲି ଲାହୋର ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର  ଦ୍ୱିତୀୟ ସେମିଫାଇନାଲ୍‌ରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବ ।